ମେଘନାଦରେ ଫାଟ, ବୋହୁଛି ପାଣି ଶିଉଳି ଜମିଲାଣି, ଲଟା ମାଡ଼ିଗଲାଣି

ପୁରୀ (ବ୍ୟୁରୋ) : ଶ୍ରୀମନ୍ଦିର ମେଘନାଦ ପାଚେରି ସୁରକ୍ଷା ପ୍ରତି ଦୃଷ୍ଟି ଦେଉନି ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଏଏସ୍ ?ଆଇ। ବିଶେଷ ଭାବେ ମେଘନାଦ ପାଚେରି କଡ଼ରେ ରହିଥିବା ଡ୍ରେନ୍ ?ରୁ ପାଣି ଚୋକ୍ ହୋଇ ମାଟି ଓ ମେଘନାଦ ଭେଦୁଛି। ବାହାର ପଟେ ମେଘନାଦରୁ ଝରଣା ଭଳି ଅନବରତ ପାଣି ବାହାରିବା ଯୋଗୁ ଜଏଣ୍ଟ ସିଲିଂ ନଷ୍ଟ ହୋଇଗଲାଣି । ପାଣି ଗଳିବା ଯୋଗୁ ପାଚେରି ଉପରେ ଶିଉଳି ମାଡ଼ି ଗଲାଣି। ଅନାବନା ଲଟା ବି ମାଡ଼ିଗଲାଣି। ହେଲେ ଏଥିପ୍ରତି ଦୃଷ୍ଟି ଦେଉନି ପ୍ରଶାସନ । ମେଘନାଦ ପାଚେରିର ପଶ୍ଚିମ ଓ ପୂର୍ବ ପାର୍ଶ୍ୱରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଭୂମିକମ୍ପ ଭଳି କୌଣସି ଦୈବି ଦୁର୍ବିପାକ ହେଲେ ମେଘନାଦ ପାଚେରି ପ୍ରତି ବିପଦସୃଷ୍ଟି ହେବାର ଆଶଙ୍କା ରହିଛି। ଶ୍ରୀମନ୍ଦିର ଭିତରେ ଅନବରତ ପାଣି ମାଡ଼ ହେବା ଯୋଗୁ ଉତ୍ତର ପାର୍ଶ୍ୱ ମେଘନାଦ ପାଚେରି ଓ ଗୁମୁଟ ଅବସ୍ଥା ଅତି ଖରାପ ହୋଇପଡ଼ିଛି। ମେଘନାଦ ପାଚେରିକୁ ଲାଗିଛି। ଉତ୍ତର ପାର୍ଶ୍ୱ ଗୁମୁଟ ଭିତରେ କାନ୍ଥଗୁଡ଼ିକ ତିନ୍ତି ରହିଛି।ଏପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିବା କୁରୁମ ବେଢ଼ା ଓ ମେଘନାଦ ପାଚେରିର ପୂର୍ଣ୍ଣ ସଂରକ୍ଷଣ ଓ ମରାମତି ହୋଇପାରୁନି । ଦୁଇମାସ ତଳେ ଏବାବଦରେ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି କରି ମେଘନାଦ ପାଚେରି, ଉତ୍ତର ଦ୍ୱାର ଗୁମୁଟ ପ୍ରଭୃତି ସୁରକ୍ଷା ନିମନ୍ତେ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ନିମନ୍ତେ ଚିଠି ଲେଖିଥିଲା ଏଏସ୍ଆଇ। ସେହିପରି ଇଟା ଓ ସିମେଣ୍ଟ ବ୍ୟବହାର କରି କରାଯାଇଥିବା ଅନେକ ବେଆଇନ ନିର୍ମାଣ ତୁରନ୍ତ ହଟାଇବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠିରେ ଜଣାଇଥିଲା। ବିପଦସଙ୍କୁଳ ଭାବେ ଥିବା ଘରଗୁଡ଼ିକ ଉଚ୍ଛେଦ କରିବା ସହ କୁରୁମ ବେଢ଼ା ଓ ମେଘନାଦ ପାଚେରି ସଂରକ୍ଷଣ କରିବାକୁ ଶ୍ରୀମନ୍ଦିର ପ୍ରଶାସନର ସହଯୋଗ ମାଗିଥିଲା ଏଏସ୍ ଆଇ। ହେଲେ ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନର ସହଯୋଗ ମିଳୁ ନଥିବାରୁ ମେଘନାଦ, କୁରୁମ ବେଢ଼ା, ଉତ୍ତର ଦ୍ୱାର ଗୁମୁଟ ପ୍ରଭୃତି ସଂରକ୍ଷଣ ସୁ ନିଶ୍ଚିତ ହୋଇପାରିନି। ଯାହାକୁ ନେଇ ବରିଷ୍ଠ ସେବାୟତ ଓ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ନୀଳାଦ୍ରି ଭକ୍ତ ନିବାସ ନାଁରେ ଠକେଇ

■ ୨ ସାଇବର ଅପରାଧୀଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ପୁରୀ (ବ୍ୟୁରୋ) : ପୁରୀର ନୀଳାଦ୍ରି ଭକ୍ତ ନିବାସ ନାଁରେ ନକଲି ୱେବସାଇଟ୍ ପ୍ରସ୍ତୁତ କରି ଭକ୍ତଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଦୁଇ ଅଭିଯୁକ୍ତ ଗିରଫ । କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଦୁଇ ଅଭିଯୁକ୍ତ ହେଉଛନ୍ତି ଆଗ୍ରାର ଅଂଶୁମାନ ଶର୍ମା ଓ ପ୍ରୟାଗରାଜର ଅରବିନ୍ଦ କୁମାର । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଭିଯୋଗ ଆଧାରରେ ଏହି ଠକେଇ ମାମଲା ରୁଜୁ ହୋଇଥିଲା । ଅଭିଯୋଗ ମୁତାବକ ଅଭିଯୁକ୍ତ ମାନେ neeladribhaktanivas.in ନାମକ ଏକ ନକଲି ୱେବସାଇଟ୍ ଖୋଲି ଭକ୍ତମାନଙ୍କୁ ମୋବାଇଲ୍ ନମ୍ବର ଓ ହ୍ୱାଟସଆପ୍ ଜରିଆରେ ଯୋଗାଯୋଗ କରୁଥିଲେ । ସେମାନେ ନୀଳାଦ୍ରି ଭକ୍ତ ନିବାସରେ ରହଣୀ ସୁନିଶ୍ଚିତ କରିବା ନାଁରେ ଅନଲାଇନ୍ ମାଧ୍ୟମରେ ଟଙ୍କା ଜମା କରିବାକୁ କହୁଥିଲେ । ଏହି ଠକେଇ ପାଇଁ କାନାରା ବ୍ୟାଙ୍କର ଏକ ସେଭିସ ଆକାଉଣ୍ଟ ବ୍ୟବହାର ହୋଇଥିଲା । ଅଭିଯୁକ୍ତଙ୍କ ନିକଟରୁ ଲାପଟପ୍ ଫୋନ, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ନୀଳାଦ୍ରି ଭକ୍ତ ନିବାସ ୱେବସାଇଟ୍ ବିବରଣୀ, ଆଧାର କାର୍ଡ, ପାନ୍ କାର୍ଡ ଜବତ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କୁ କେବଳ ଅଧିକୃତ ୱେବସାଇଟ୍ shreejagannath.in ମାଧ୍ୟମରେ ବୁକିଂ କରିବାକୁ ପରାମର୍ଶ ଦେଇଛି । ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକଗଣ ହୋଟେଲ ବୁକିଂ ସମୟରେ ସତର୍କତା ଅବଲମ୍ବନ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି ।

ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ତରଫ ରୁ ସମୀକ୍ଷା ଓ ଶ୍ରଦ୍ଧାଞ୍ଜଳି ସଭା

ପୁରୀ (ବ୍ୟୁରୋ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ର ସଭାପତି ମହାବୀର ରୁଦ୍ର ନାରାୟଣ ସାହୁ ଙ୍କ ଅଧକ୍ଷତାରେ ପହେଲଗାମ ଆତଙ୍କି ଆକ୍ରମଣ ରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସମ୍ପାଦକ ଅରବିନ୍ଦ ଶତପଥୀ ଆତଙ୍କି ଆକ୍ରମଣ ର ନିନ୍ଦା କରି ଭାରତ ବର୍ଷରେ ଏଭଳି ବର୍ବରତାର ସ୍ଥାନ ନାହିଁ ବୋଲି ମତପୋଷଣ କରିଥିଲେ। ଅନ୍ୟ ସମସ୍ତ ସଭ୍ୟ ମାନେ ନୀରିହ ନାଗରିକ ମାନଙ୍କ ପରିବାର ମାନଙ୍କୁ ସମବେଦନା ଜଣାଇଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟ ରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନ ର ଆଗାମୀ କାର୍ଯ୍ୟକ୍ରମ ବିଷୟ ରେ ଆଲୋଚନା କରାଯାଇଥିଲା। କୋଷାଧକ୍ଷ ରତ୍ନାକର ସାହୁ ଆୟ ବ୍ୟୟ ହିସାବ ଉପସ୍ଥାପନା କରି ଥିଲେ। ଏହି ସମୀକ୍ଷା ବୈଠକ ରେ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ। ଆଗାମୀ କାର୍ଯ୍ୟକ୍ରମ ବିଷୟ ରେ ସମସ୍ତ ସଦସ୍ୟ ମତାମତ ରଖି ଥିଲେ। ଶେଷ ରେ ସହ ସମ୍ପାଦକ ରଞ୍ଜନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଚନ୍ଦନ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ପୁରୀ (ବ୍ୟୁରୋ) : ଆଜି ଠାରୁ ଆରମ୍ଭ ହେବାକୁ ଯାଉଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଶ୍ରୀଚନ୍ଦନ ଯାତ୍ରା । ଏଥିପାଇଁ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୁରୀ ଏସ୍ପି ବିନିତ ଅଗ୍ରୱାଲଙ୍କ ନେତୃତ୍ୱରେ ପୁଲିସ ବିଭାଗର ବରିଷ୍ଠ ପଦାଧିକାରୀମାନେ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ଆସିବା ସମୟରେ ପୁଲିସର ସୁରକ୍ଷା ବଳୟ ମଧ୍ୟରେ ଆସିବେ ତେବେ ଗତବର୍ଷ ବାଣ ବିସ୍ଫୋରଣରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିବାରୁ ଚଳିତବର୍ଷ ଚନ୍ଦନ ଚକଡ଼ାରେ ବାଣ ଫୁଟାଇବା ସମ୍ପୂର୍ଣ୍ଣ ରୂପେ ବାରଣ ରହିବେ । ସେହିପରି ଠାକୁରମାନେ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ଆସିବା ସମୟରେ ପୁଲିସର ସୁରକ୍ଷା ବଳୟ ମଧ୍ୟରେ ଆସିବେ ତେବେ ଗତବର୍ଷ ବାଣ ବିସ୍ଫୋରଣରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିବାରୁ ଚଳିତବର୍ଷ ଚନ୍ଦନ ଚକଡ଼ାରେ ବାଣ ଫୁଟାଇବା ସମ୍ପୂର୍ଣ୍ଣ ରୂପେ ବାରଣ

ନରେନ୍ଦ୍ରକୋଣରେ ପହଞ୍ଚି ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିଥିଲେ। ଶ୍ରୀମନ୍ଦିରଠାରୁ ଆରମ୍ଭ କରି ନରେନ୍ଦ୍ରକୋଣ ଚକଡ଼ା ପର୍ଯ୍ୟନ୍ତ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଛି। ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ୩୩ ଜଣ ଅଫିସର୍, ୪ ଜଣ ହାବିଲଦାର, ୩୭ ଜଣ କନଷ୍ଟେବଳ ଓ ୫୮ ଜଣ ହୋମଗାର୍ଡଙ୍କ ସମେତ ପାଞ୍ଚ ପ୍ଲାଟୁନ୍ ପୁଲିସ୍ ଫୋର୍ସକୁ ପରିଚାଳନା କରିବେ । ଏହି ଅଫିସରମାନଙ୍କ ମଧ୍ୟରେ ଜଣେ ଅତିରିକ୍ତ ଏସ୍ପି, ୫ ଜଣ ଡେପୁଟି ଏସ୍ପି ବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପାହ୍ୟାର ଅଫିସର, ୮ ଜଣ ଇନ୍ସପେକ୍ଟର, ୨୦ ଜଣ ସବ୍ ?-ଇନ୍ସପେକ୍ଟର ଅବା ଆସିଷ୍ଟାଣ୍ଟ ସବ୍-ଇନସ୍ପେକ୍ଟର କରାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ?କୁ ନିୟୋଜିତ କରାଯାଇଛି ଯେପରି କୌଣସି ବ୍ୟକ୍ତି ଏଠାରେ ବାଣ ଫୁଟାଇ ନପାରିବେ, ସେଥିପାଇଁ ଏହି ଟିମ୍ ବୁଲିବୁଲି ଯାଞ୍ଚ କରିବ ଏପରିକି ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ପୁଲିସର ସ୍କାନରରେ ରହିବେ । ସମସ୍ତ ଶ୍ରଦ୍ଧାଳୁମାନେ ଯେପରି କୌଣସି ପ୍ରକାର ଆପତ୍ତିଜନକ ପଦାର୍ଥ ନରେନ୍ଦ୍ର ପୁଷ୍କରିଣୀ ନିକଟକୁ ଆଣିନପାରିବେ, ତାହା ପୁଲିସ ଯାଞ୍ଚ କରିବ ସେହିପରି ଚଳିତବର୍ଷ ପ୍ରଥମଥର ପାଇଁ ପୁରୀ ପୁଲିସ ପକ୍ଷରୁ ଏକ ଫିଡ୍ବ୍ୟାକ ସେଣ୍ଟର ନରେନ୍ଦ୍ରକୋଣ ଠାରେ କରାଯିବ ଏଠାରେ ସମସ୍ତ ଅଭିଯୋଗ ଗ୍ରହଣ କରାଯିବା ସହ ଶ୍ରଦ୍ଧାଳୁମାନେ ନିଜନିଜର ଯାତ୍ରା ଅନୁଭୂତି ଦେଇପାରିବେ।

ପୁଣ୍ୟତିଥିରେ ୧୭୭ତମ ମଧୁସୂଦନ ଜୟନ୍ତୀ ସମାରୋହ

ପୁରୀ (ବ୍ୟୁରୋ) : ସ୍ୱାମୀ ବିବେକାନନ୍ଦ ଆଂଗ୍ଲୋ-ବେଦିକ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ, କପିଳେଶ୍ୱରପୁର ୪ର୍ଥ ଶହ, ବ୍ରହ୍ମଗିରି, ପୁରୀର ଏକ ଉଚ୍ଚସ୍ତରୀୟ ୧୭୭ତମ ମଧୁସୂଦନ ଦାସ ଜୟନ୍ତୀ ତା ୨୮.୦୪.୨୦୨୫ ରିଖ, ସୋମବାର ଦିନ ସ୍ୱାମୀ ବିବେକାନନ୍ଦ ଆଂଗ୍ଲୋ-ବିଦ୍ୟାଳୟରେ ରାଜ୍ୟଭିତ୍ତିକ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ଫଟୋଚିତ୍ର ପ୍ରତିଯୋଗିତା, କବିତା ଆସର,ବକ୍ତୃତା ପ୍ରତିଯୋଗିତା ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ ତଥା ଅଞ୍ଚଳର ବିଦ୍ୱାନ ପ୍ରତିଭାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ତରଫରୁ ନିଯୁକ୍ତ ବିଚାରକମାନଙ୍କ ବିଚାରରେ ବିବେଚିତ ହୋଇଥିବା କୃତି ପ୍ରତିଯୋଗୀଙ୍କୁପୁରସ୍କାର, ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମହାନ ସ୍ୱାଧିନତା ସଂଗ୍ରାମୀ,ଓଡ଼ିଆ ଜାତିର ଗୌରବ,ସ୍ୱତନ୍ତ୍ର ଉତ୍କଳ ଭାଷାଭିତ୍ତିକ ପ୍ରଦେଶ ନିର୍ମାଣର ଅନ୍ୟତମ ବିଦ୍ୱାଣି, ଆଧୁନିକ ଓଡ଼ିଶାର ନିର୍ମାତା , ସାରସ୍ୱତ ସାଧକ, ଆଇନଜୀବୀ, ବିଶିଷ୍ଟ ସାହିତ୍ୟିକ ତଥା କୂଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳିପୂର୍ବକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍ଘାଟକ ଭାବେ ଅଧ୍ୟାପକ ଶ୍ରୀଯୁକ୍ତ ଅନନ୍ତ ବେହେରା ,

ମୁଖ୍ୟବକ୍ତା ପ୍ରାଧାପକ ବଳରାମ ମିଶ୍ର ,ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ ଯୋଗଦାନ ଦେଇଥିଲେ। ମୁଖ୍ୟ ଅତିଥିଭାବେ ସ୍ୱାମୀ ବିବେକାନନ୍ଦ ଆ।°ଗ୍ଲୋ-ବେଦିକ ବିଦ୍ୟାଳୟ,କପିଳେଶ୍ୱରପୁରର ପ୍ରଧାନଶିକ୍ଷୟିତ୍ରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପଦ୍ମନାଭ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଯୁବପ୍ରତିଭା ସ୍ୱେଚ୍ଛାସେବୀ ଦେବୀପ୍ରସାଦ ନାୟକ ଓଜସ୍ୱିନୀ ଭାଷଣରେ ମଧୁ ପରମ୍ପରା ଓ ତାଙ୍କ ସଂଯୋଗରେ ଓଡ଼ିଶାର ମାନଚିତ୍ର ତଥା ସ୍ୱରୂପ ସୃଷ୍ଟିକାରୀ ନବ ଓଡ଼ିଶାର ବିଧାତାଙ୍କ ସମ୍ପର୍କରେ ହୃଦୟଥରା ଭାଷା ଜାତି ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଟ୍ରଷ୍ଟର ସଭାପତି ଓ ସମ୍ପାଦକ ଶ୍ରୀଯୁକ୍ତ ଗଦାଧର ନାୟକ ଓ ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ତ୍ରିପାଠୀ ଏହି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବା କଥା ସ୍ୱକୀୟ ମତପ୍ରକାଶ କରିଥିଲେ। ସର୍ବଶେଷରେ ସୁଶ୍ରୀ ଶ୍ରେୟା ସୁଜ୍ଞାନୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକୁ ସୁପରିଚାଳନା କରିବା ପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱରଙ୍କ ସହଭାଗିତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ମନୋଜଙ୍କୁ ସୋସିଆଲ ମିଡ଼ିଆରେ ରାଜ୍ୟ ଯୁଗ୍ମ ସଂଯୋଜକ ଭାବେ ଦାୟିତ୍ୱ

ପୁରୀ (ବ୍ୟୁରୋ) : ପୁରୀର ମନୋଜ କୁମାର ବେହେରାଙ୍କୁ ରାଜୀବ ଗାନ୍ଧୀ ପଞ୍ଚାୟତିସଂଗଠନର ପୁନର୍ବିର ସୋସିଆଲ ମିଡ଼ିଆରେ ରାଜ୍ୟ ଯୁଗ୍ମ ସଂଯୋଜକ ଭାବେ ଦାୟିତ୍ୱ ମିଳିଥିବାରୁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ,ମଲ୍ଲିକାର୍ଜୁନ୍ ଖାଡକେ,ଜଏଟଜଏ ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ , ଓଡିଶା ଅଧକ୍ଷ ସୁଦର୍ଶନ ଦାସ, ଓଡିଶା ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ଆଦିତ୍ୟ ନାଗ ଓ ଅଞ୍ଜନ ସିଂହ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଗକୁ ବିରୋଧୀ ମାନଙ୍କ ସହିତ ସୋସିଆଲ ମିଡ଼ିଆ ମାଧ୍ୟମ୍ୟ ରେ ଲଢେଇ ହବ ବୋଲି ସେ ସୂଚନା ଦେଇଛନ୍ତି ।

ଫଳକ ଓ ଯନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ

■ ସୂଚନା ଅଧପନ୍ତରିଆକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଡରୁଛି କି ?

ପୁରୀ (ବ୍ୟୁରୋ) : ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କାର୍ଯ୍ୟ ହେଉଥିବା ନେଇ ଖବର କାଗଜରେ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣାଧୀନ ସେତୁ ନିକଟରେ ଫଳକ ଲଗାଇଛି। ମାତ୍ର ଫଳକରେ ଯାହା ସୂଚନା ରହିଛି ତାକୁ ନେଇ ସମସ୍ତେ ଏବେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। କୋଣାର୍କ ସବ୍ ?ଡିଭିଜନ୍ ?ର କନିଷ୍ଠ ଯନ୍ତ୍ରୀ ନବୀନ ବେହେରା ସେତୁ କାର୍ଯ୍ୟ ୧୯କୋଟି ବିନିମୟରେ ନିର୍ମାଣ କରାଯାଉଛି ବୋଲି କହିଥିବା ବେଳେ ସୂଚନା ଫଳକରେ କିନ୍ତୁ ଏହା ୧୪ କୋଟି ୫୩ ହଜାର ୪୭ ହଜାର ଟଙ୍କା ଦର୍ଶାଯାଇଛି। ଯାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। କଣ ପାଇଁ କନିଷ୍ଠ ଯନ୍ତ୍ରୀ ନବୀନ ବାବୁ ଏହାକୁ ଲୁଚାଉଥିଲେ ତାହା ଏବେ ଅସ୍ପଷ୍ଟ ରହିଛି। କୋଣାର୍କ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ହରିଶ ପତି କହିଛନ୍ତି ଯେ ଫଳକରେ ଲଗାଯାଇଥିବା ସୂଚନାଟି ଠିକ୍ ରହିଛି। ଭୁଲକ୍ରମେ ଆପଣଙ୍କୁ ସୂଚନା ମିଳିଥାଇପାରେ ଅନ୍ୟପକ୍ଷରେ ଫଳକ ଲଗାଯିବା

ପରେ ସେଥିରେ ସୂଚନାଟି ଅଧାପନ୍ତରିଆ ଭାବେ ଦିଆଯାଇଛି। କାହିଁକି ଏହା ଜଣାଇବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଡରୁଛି, ସେ ନେଇ ବନ୍ତଳୀ ଗ୍ରାମପଞ୍ଚାୟତର ସୂଚନାଧିକାର କର୍ମୀ ସୁଦର୍ଶନ ମିଶ୍ର ଚିନ୍ତା ପ୍ରକାଶ କରିଛନ୍ତି। ଏହି ସୂଚନାରେ କେବଳ ସେତୁର ଦୈର୍ଘ୍ୟ, ପ୍ରସ୍ଥ, ନିର୍ମାଣର ଆରମ୍ଭ ଓ ଶେଷ ତାରିଖ ବ୍ୟତୀତ ମଞ୍ଜୁର ଅର୍ଥ ପରିମାଣ ଦିଆଯାଇଛି। ମାତ୍ର ଅନ୍ୟ ପ୍ରକଳ୍ପ ପରି ଏହାର ଡିଜାଇନ୍, ପ୍ଲାନ ବିଷୟରେ ସମ୍ୟକ ସୂଚନା ଦିଆଯାଇ ନଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି।ଁ ସୂଚନାଯୋଗ୍ୟ ଯେ, ବନ୍ତଳିଗ୍ରାମ ପଞ୍ଚାୟତର ସାଗେଣା ବିଜୁସେତୁ ନିର୍ମାଣରେ ବ୍ୟାପକ ଅନିୟମିତତାକୁ ବିରୋଧ କରୁଛନ୍ତି ଗ୍ରାମବାସୀ । ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ଫାଇଦା ନେଉଛନ୍ତି ଠିକାଦାର ନିମ୍ନମାନର କାର୍ଯ୍ୟକୁ ନେଇ ସେତୁ ଭୁଶୁଡ଼ିବାର ଆଭାସ ଦେଇଛନ୍ତି ଶାଗେଣା ଗ୍ରାମବାସୀ। ଅଭିଯୋଗ ଉଠିଛି ଯେ ରାତାରାତି କାର୍ଯ୍ୟ ଚାଲୁଛି କିନ୍ତୁ ଦିନରେ ବନ୍ଦ ରହୁଛି। ଦିନରେ କାମ ହେଲେ ନିମ୍ନମାନର କାର୍ଯ୍ୟକୁ ଦେଖି ଗ୍ରାମବାସୀମାନେ ବିରୋଧ କରିବାର ଆଶଙ୍କା ଦୃଷ୍ଟିରୁ ଠିକାଦାର ଜଣକ ରାତିରେ ଲୁଚିଲୁଚି କାର୍ଯ୍ୟ କରୁଛନ୍ତି । ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ସମ୍ପୂର୍ଣ୍ଣ ଭାବେ ସୁହାଉଛି ନିମ୍ନମାନର ଲୁହାଛଡ଼୍ ସିମେଣ୍ଟରେ କାର୍ଯ୍ୟ କରାଯାଉଛି। ଯେଉଁ ଲୁହାଛଡ଼୍ ବ୍ୟବହୃତ ହେଉଛି ତାହା ସରକାରଙ୍କ ଦ୍ୱାରା ପ୍ରମାଣୀକୃତ ବୋଲି ଯେତେ କହିଲେ ବି ବାହାରେ ପଡ଼ି ରହିଥିବା ଏହି ଲୁହାଛଡ଼୍ଗୁଡିକ ମାସେ ଦୁଇମାସ ମଧ୍ୟରେ କଳଙ୍କି ଲାଗି ଯାଉଥିବା ନେଇ ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୁର୍ଣ କଥା ହେଲା ସେତୁ କାର୍ଯ୍ୟକୁ ତନଖି କରିବାକୁ ଆସୁଥିବା ଯନ୍ତ୍ରୀ ଓ ଠିକାଦାର କେବେ ଆସି କେବେ ଯାଉଛନ୍ତି ତାହାର କେହି ଟେର ୪ ପାଉନାହାନ୍ତି। ଏ ନେଇ ଗ୍ରାମବାସୀ ମାନେ ଗ୍ରାମ୍ୟଉନ୍ନୟନ ବିଭାଗର ନିମାପଡ଼ା ସବଡିଭିଜନ୍ ?ର ଅଧୀକ୍ଷଣ ଯନ୍ତ୍ରୀ ସତ୍ୟଜିତ ଦଳେଇଙ୍କୁ ଭେଟି ଅଭିଯୋଗ ଦେବା ସତ୍ତ୍ୱେ ମଧ୍ୟ କେହି ଏହାର ତଦନ୍ତ କଲେ ନାହିଁ କି ଏହି କାର୍ଯ୍ୟ କିପରି ହେବ ତାହାର ସୂଚନା ଫଳକ ମଧ୍ୟ ଲଗାଇଲେ ନାହିଁ ।